# NATIONAL NEWS BULLETIN (ODIA)

## 14 August - 2025

### Morning Bulletin : 7.15 A.M.

***********************************************

## ମୁଖ୍ୟ ସମ୍ବାଦ

- ଅଣାଅଶୀତମ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଆଜି ସଂଧ୍ୟାରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବେ ରାଷ୍ଟ୍ରପତି ।
- ହର୍ ଘର୍ ତିରଙ୍ଗା ଅଭିଯାନରେ ଦେଶର ସବୁବର୍ଗର ଲୋକ ସାମିଲ ହେବାକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ।
- ସ୍ୱଚ୍ଛଶକ୍ତିକୁ ଲୋକାଭିମୁଖୀ କରିବା ଲାଗି ସୌର-ପିଭି ମଡ୍ୟୁଲ ଉତ୍ପାଦନ କ୍ଷେତ୍ରରେ ଭାରତର ଉଲ୍ଲେଖନୀୟ ସଫଳତାକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ ।
- ନବସୃଜନତାକୁ ଦେଶର ସାର୍ବଭୌମତ୍ୱର ପ୍ରତୀକ ଭାବେ ଅଭିହିତ କରିଛନ୍ତି ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ।

ଏବଂ

- ରୁଷ୍-ୟୁକ୍ରେନ ଯୁଦ୍ଧର ପରିସମାପ୍ତି ସମ୍ପର୍କରେ ଆଲୋଚନା କରିବା ଲାଗି ଆସନ୍ତାକାଲି ଆଲାସ୍କାଠାରେ ଆମେରିକା ରାଷ୍ଟ୍ରପତି ଭେଟିବେ ତାଙ୍କର ରୁଷ୍ ପ୍ରତିପକ୍ଷଙ୍କୁ ।

## ପ୍ରେଜ୍ ଆଡ୍ରେସ

ଅଣାଅଶୀତମ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଆଜି ସଂଧ୍ୟା ୭ଟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବେ । ରାଷ୍ଟ୍ରପତିଙ୍କର ଏହି ଉଦ୍‌ବୋଧନ ଆକାଶବାଣୀର ସମସ୍ତ ଜାତୀୟ ନେଟଓ୍ୱାର୍କ ଏବଂ ଦୂରଦର୍ଶନର ସମସ୍ତ ଚ୍ୟାନେଲରେ ପ୍ରଥମେ ହିନ୍ଦୀ ଓ ପରେ ପରେ ଇଂରାଜୀ ଭାଷାରେ ଉପଲବ୍ଧ ହେବ । ଦୂରଦର୍ଶନର ଆଞ୍ଚଳିକ ଚ୍ୟାନେଲ ଗୁଡ଼ିକରେ ରାଷ୍ଟ୍ରପତିଙ୍କ ଉଦ୍‌ବୋଧନର ହିନ୍ଦୀ ଓ ଇଂରାଜୀ ଭାଷାରେ ପ୍ରସାରଣ ପରେ ଏହାର ଆଞ୍ଚଳିକ ଭାଷାନ୍ତରଣ ମଧ୍ୟ ପ୍ରସାର କରାଯିବ । ଆକାଶବାଣୀ ପକ୍ଷରୁ ରାଷ୍ଟ୍ରପତିଙ୍କ ଭାଷଣର ଆଞ୍ଚଳିକ ଭାଷାନ୍ତରଣ ଆଜି ରାତି ୯ଟା ବାଜି ୩୦ ମିନିଟ୍‌ରେ ପ୍ରଚାର କରାଯିବ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନଠାରେ ଅମୃତ ଉଦ୍ୟାନର ଗ୍ରୀଷ୍ମକାଳୀନ ବାର୍ଷିକୀ ଉତ୍ସବକୁ ଉଦ୍‌ଘାଟନ କରିବେ। ଏହା ଆସନ୍ତା ସେପ୍ଟେମ୍ବର ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଜନସାଧାରଣ ଆସନ୍ତା ଶନିବାରଠାରୁ ଦିନ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହାକୁ ଦେଖିପାରିବେ।

ସଂରକ୍ଷଣ କାର୍ଯ୍ୟ ଲାଗି ଏହି ଉଦ୍ୟାନ ସମସ୍ତ ସୋମବାର ବନ୍ଦ ରହିବ ବୋଲି ଜଣାପଡିଛି।

## ପିଏମ୍-ଇଣ୍ଡିପେଣ୍ଡେନ୍ସ ଡେ

ଅଣାଅଶୀତମ ସ୍ୱାଧୀନତା ଦିବସ ଆସନ୍ତାକାଲି ଦେଶବ୍ୟାପୀ ପାଳନ କରାଯିବ । ଦିଲ୍ଲୀସ୍ଥିତ ଐତିହାସିକ ଲାଲକିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା

ଜାତୀୟସ୍ତରୀୟ ମୁଖ୍ୟ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେତୃତ୍ୱ ନେବେ । ପ୍ରଧାନମନ୍ତ୍ରୀ ଆସନ୍ତାକାଲି ସକାଳେ ଲାଲକିଲ୍ଲାଠାରେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବେ । ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ସମ୍ପର୍କିତ ସରକାରଙ୍କ ଦୃଷ୍ଟିକୋଣକୁ ସାକାର କରିବା ଲାଗି ଚଳିତବର୍ଷ ସ୍ୱାଧୀନତା ଦିବସ ପାଳନର ବାର୍ତ୍ତା ରହିଛି ‘ନୟା ଭାରତ’ । ଏକ ସମୃଦ୍ଧ, ସୁରକ୍ଷିତ ଏବଂ ସାହସି ନୟା ଭାରତ ଗଠନ ଦିଗରେ ସ୍ୱାଧୀନତା ଦିବସ ପାଳନ ସମାରୋହ ଏକ ସ୍ମାରକୀ ମଞ୍ଚ ଭାବେ ସହାୟକ ହେବା ସହିତ ବିକାଶ ପଥରେ ଆଗେଇବାରେ ଶକ୍ତି ଯୋଗାଇଦେବ । ଚଳିତବର୍ଷ ସ୍ୱାଧୀନତା ଦିବସ ପାଳନ ଅବସରରେ ପହଲଗାମ ଆତଙ୍କବାଦ ଆକ୍ରମଣ ପରିପ୍ରେକ୍ଷୀରେ ଭାରତର ଅପରେସନ ସିନ୍ଦୂରର ସଫଳତାକୁ ମଧ୍ୟ ପାଳନ କରାଯିବ । ଏହି ଜାତୀୟସ୍ତରୀୟ ଉତ୍ସବ ପାଳନ ଲାଗି କରାଯାଇଥିବା ନିମନ୍ତ୍ରଣ ପତ୍ରରେ ଅପରେସନ ସିନ୍ଦୂରର ଲୋଗୋ ଏବଂ ଚେନାବ ବନ୍ଧର ଓ୍ୱାଟରମାର୍କ ସ୍ଥାନ ପାଇଛି । ଜନସାଧାରଣଙ୍କ ମଧ୍ୟରେ ଦେଶମାତୃକା ପ୍ରତି ଭକ୍ତିଭାବ ଜାଗ୍ରତ କରାଇବା ତଥା ଅପରେସନ ସିନ୍ଦୂର ବିଜୟର ସଫଳତା ପାଳନ ଲାଗି ପ୍ରଥମଥର ଲାଗି ସ୍ୱାଧୀନତା ଦିବସ ସଂଧ୍ୟାରେ ଦେଶବ୍ୟାପୀ ବିଭିନ୍ନ ସ୍ଥାନରେ ଅନେକଗୁଡ଼ିଏ ବାଦ୍ୟଯନ୍ତ୍ର ପରିବେଷଣ କରାଯିବ । ବିଶେଷକରି ଦେଶର ତିନିସେନା, ଏନ୍‌ସିସି, ଭାରତୀୟ ତଟରକ୍ଷୀ ବାହିନୀ, ସି.ଆର୍.ପି.ଏଫ୍, ଆଇ.ଟି.ବି.ପି, ସି.ଆଇ.ଏସ୍.ଏଫ୍, ଏସ୍.ଏସ୍.ବି, ସୀମା ସୁରକ୍ଷା ବାହିନୀ, ଆଇ.ଡି.ଏସ୍,

ରେଳବାଇ ସୁରକ୍ଷା ବାହିନୀ ଏବଂ ଆସାମ ରାଇଫଲ୍ସ ପକ୍ଷରୁ ଦେଶର ୧୪୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଏହି ବାଦ୍ୟ ପରିବେଷଣ କରାଯିବାର କାର୍ଯ୍ୟସୂଚୀ ରହିଛି ।

ଆସନ୍ତାକାଲି ଲାଲକିଲ୍ଲାଠାରେ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟ ସମାରୋହରେ ଦେଶବ୍ୟାପୀ ସମାଜର ବିଭିନ୍ନ ବର୍ଗର ପ୍ରାୟ ୫ହଜାର ସ୍ୱତନ୍ତ୍ର ଅତିଥିଙ୍କୁ ଯୋଗଦେବାଲାଗି ନିମନ୍ତ୍ରଣ କରାଯାଇଛି । ସେମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଅଲମ୍ପିକ ୨୦୨୫ରେ ଭାଗନେଇଥିବା ଭାରତୀୟ ଖେଳାଳି ବିଭିନ୍ନ ଆନ୍ତର୍ଜାତିକ କ୍ରୀଡ଼ା ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଭାରତୀୟ ଏବଂ ଖେଲୋ ଇଣ୍ଡିଆ ପାରା ପ୍ରତିଯୋଗିତାର ସ୍ୱର୍ଣ୍ଣପଦକଧାରୀମାନେ ଅନ୍ତର୍ଭୁକ୍ତ ।

ଏହି ସମାରୋହରେ ଯୋଗଦେବାଲାଗି ୨୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୨୧୦ଜଣ ପଞ୍ଚାୟତ ପ୍ରତିନିଧିଙ୍କୁ ମଧ୍ୟ ସ୍ୱତନ୍ତ୍ର ଅତିଥିଭାବେ ନିମନ୍ତ୍ରଣ କରାଯାଇଛି । ଗ୍ରାମ ପଞ୍ଚାୟତରେ ଉନ୍ନତ ଭିତ୍ତିଭୂମି ସେବା ଓ ସାମୁହିକ ପଦକ୍ଷେପ ଗ୍ରହଣ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିସାରିଥିବା ଏହି ଅତିଥିମାନଙ୍କୁ ଆଜି ନୂଆଦିଲ୍ଲୀଠାରେ ସମ୍ବର୍ଦ୍ଧିତ କରାଯିବ । ଚଳିତବର୍ଷ ଏହି କାର୍ଯ୍ୟକ୍ରମର ବାର୍ତ୍ତା ରହିଛି "ଆତ୍ମ ନିର୍ଭର ପଞ୍ଚାୟତ୍ - ବିକଶିତ୍ ଭାରତ୍ କି ପେହଚାନ୍" ।

# ପିଏମ୍-ହର୍ ଘର୍ ତିରଙ୍ଗା

ହର୍ ଘର୍ ତିରଙ୍ଗା ଅଭିଯାନରେ ଦେଶର ସବୁବର୍ଗର ଲୋକ ବିଶେଷକରି ଯୁବବର୍ଗ ସାମିଲ ହେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି । ଦେଶମାତୃକା ପ୍ରତି ନିଜର ସମ୍ମାନ ତଥା ଶ୍ରଦ୍ଧାସ୍ୱରୂପ

ଦେଶବ୍ୟାପୀ ଚାଲିଥିବା ଏହି ଜନ ଅଭିଯାନରେ ଅଂଶଗ୍ରହଣ କରିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି ।

**V/O (PM Modi)**

## ପିଏମ୍-ସୋଲାର ପିଭି ମଡେଲ

ସୌର-ପିଭି ମଡ୍ୟୁଲ ଉତ୍ପାଦନ କ୍ଷମତା କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାର ପ୍ରଶଂସା କରିଛନ୍ତି । ସେ କହିଛନ୍ତି ସ୍ୱଚ୍ଛଶକ୍ତିକୁ ଲୋକାଭିମୁଖୀ କରିବା ଦିଗରେ ସରକାରଙ୍କ ନିରନ୍ତର ପ୍ରଚେଷ୍ଟାର ଏହା ଏକ ଅଂଶବିଶେଷ । ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କର ଏ ସମ୍ପର୍କିତ ଏକ ପୋଷ୍ଟକୁ ଉଦ୍ଧୃତ କରି ଶ୍ରୀ ମୋଦୀ ଏହି ସଫଳତାକୁ ଭାରତ ଆତ୍ମନିର୍ଭର ହେବା ଦିଗରେ ଅନ୍ୟଏକ ମାଇଲଖୁଣ୍ଟ ବୋଲି ଅଭିହିତ କରିଛନ୍ତି । ଶ୍ରୀ ଯୋଶୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଭାରତ ୧୦୦ ଗିଗାୱାଟ ସୌର-ପିଭି ମଡ୍ୟୁଲ ଉତ୍ପାଦନ କରି ଏକ ଐତିହାସିକ ସଫଳତା ହାସଲ କରିଛି ବୋଲି ଉଲ୍ଲେଖ କରିଛନ୍ତି । ୨୦୧୪ ମସିହାରେ ଏହା ମାତ୍ର ୨ ଦଶମିକ ୩ ଗିଗାୱାଟ ଥିବାବେଳେ ଗତ ୧୧ ବର୍ଷ ମଧ୍ୟରେ ସରକାରଙ୍କ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ଶ୍ରୀ ଯୋଶୀ କହିଛନ୍ତି ।

## ଗୋଏଲ ଆଇପି ବିଲ୍ଡିଂ

ନବସୃଜନତା ଶତାବ୍ଦୀ ଶତାବ୍ଦୀ ଧରି ଭାରତର ଶକ୍ତି ହୋଇ ରହିଆସିଛି ବୋଲି ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋଏଲ ମତବ୍ୟକ୍ତ କରିଛନ୍ତି । ଗତକାଲି ନୂଆଦିଲ୍ଲୀର ଦ୍ୱାରକାଠାରେ ବୌଦ୍ଧିକ ସମ୍ପତ୍ତି କାର୍ଯ୍ୟାଳୟଠାରେ ଆଇ.ଏସ୍.ଏର

ନୂତନ ସମ୍ପ୍ରସାରିତ ସୌଧକୁ ଉଦ୍‌ଘାଟନ କରିବା ଅବସରରେ ସେ ଏହା କହିଛନ୍ତି । ସେ କହିଛନ୍ତି ପ୍ରତ୍ୟେକ ବିକଶିତ ଦେଶରେ ନବସୃଜନତା, ନୂତନ ଚିନ୍ତାଧାରା, ଗବେଷଣା ଓ ବିକାଶ ଉପରେ ପ୍ରାଥମିକତା ଦିଆଯାଇଥାଏ । ଯାହାକି ଦେଶକୁ ସମୃଦ୍ଧି ପଥରେ ଆଗେଇନେବାକୁ ସହାୟକ ହୋଇଥାଏ । ନବସୃଜନତାକୁ ଭାରତର ସାର୍ବଭୌମତ୍ୱର ପ୍ରତୀକ ଭାବେ ଅଭିହିତ କରିବା ସହ ଦେଶର ସାମଗ୍ରିକ ବିକାଶ ଦିଗରେ ଏହା ପଥ ପ୍ରଦର୍ଶକ ଭାବେ ସାବ୍ୟସ୍ତ ହୋଇଛି ବୋଲି ଶ୍ରୀ ଗୋଏଲ କହିଛନ୍ତି । ସେ କହିଛନ୍ତି ବୌଦ୍ଧିକ ସମ୍ପତ୍ତି ଜୈବ ବ୍ୟବସ୍ଥାକୁ ବର୍ତ୍ତମାନ ବିଶ୍ୱବ୍ୟାପୀ ବିକାଶର ଚାବିକାଠି ଭାବେ ପରିଗଣିତ କରାଯାଉଛି । ଏହି ଅବସରରେ ଦେଶରେ ବୌଦ୍ଧିକ ସମ୍ପତ୍ତି ଜୈବ ବ୍ୟବସ୍ଥାର ଏହି ନୂତନ ସୌଧ ନିର୍ମାଣ ଦ୍ୱାରା ସରକାରଙ୍କ ଏହି କ୍ଷେତ୍ରରେ ଥିବା ପ୍ରତିବଦ୍ଧତା ପ୍ରତିଫଳିତ ହେଉଛି ବୋଲି ଶ୍ରୀ ଗୋଏଲ କହିଛନ୍ତି । ଆମ ସମ୍ବାଦଦାତା ଜଣାଇଛନ୍ତି ପ୍ରାୟ ୮୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ୭ମହଲା ବିଶିଷ୍ଟ ଏହି ପରିବେଶ ଅନୁକୂଳ ନୂତନ ସୌଧରେ ୭୦୦ରୁ ଊର୍ଦ୍ଧ୍ୱ ଲୋକ କାର୍ଯ୍ୟ କରିପାରିବେ ।

## ଟ୍ରମ୍ପ-ପୁଟିନ

ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତାକାଲି ଆଲାସ୍କାଠାରେ ତାଙ୍କର ରୁଷ୍ ପ୍ରତିପକ୍ଷ ଭ୍ଲାଦିମିର ପୁଟିନଙ୍କ ସହିତ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଏହି ବୈଠକରେ ବିଶେଷକରି ରୁଷ୍-ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧର ପରିସମାପ୍ତି ସମ୍ପର୍କରେ ଆଲୋଚନା କରାଯିବ । ଏହି ବୈଠକ ପୂର୍ବରୁ ଗତକାଲି ୟୁରୋପୀୟ ସଂଘର ନେତୃବୃନ୍ଦ ଏବଂ ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଦିମିର୍ ଜେଲେନେସ୍କିଙ୍କ ସହ ଏକ ଭର୍ଚୁଆଲ ବୈଠକରେ

ଯୋଗଦେଇ  ଶ୍ରୀ ଟ୍ରମ୍ପ କହିଛନ୍ତି ଆସନ୍ତାକାଲି ହେବାକୁ ଥିବା ଆଲୋଚନା ପରେ ଯଦି ଶ୍ରୀ ପୁଟିନ ୟୁକ୍ରେନ୍ ଯୁଦ୍ଧ ସମାପ୍ତ କରିବାକୁ ରାଜି ନ ହୁଅନ୍ତି ତେବେ ଏହାର ପରିଣାମ ଅତ୍ୟନ୍ତ ଭୟାବହ ହେବ । ଗତକାଲିର ଭର୍ଚୁଆଲ ବୈଠକ ପରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ କହିଛନ୍ତି ରୁଷ୍ ଓ ୟୁକ୍ରେନ ମଧ୍ୟରେ ଅସ୍ତ୍ରବିରତି କରାଇବା ଉପରେ ଆମେରିକା ରାଷ୍ଟ୍ରପତି ପ୍ରାଥମିକତା ଦେଉଛନ୍ତି । ଆସନ୍ତାକାଲି ହେବାକୁଥିବା ଆମେରିକା ଓ ରୁଷ୍‌ର ରାଷ୍ଟ୍ରପତିଙ୍କ ବୈଠକ ପରେ ଖୁବ୍‌ଶୀଘ୍ର ଟ୍ରମ୍ପ, ପୁଟିନ ଓ ଜେଲେନେସ୍କିଙ୍କୁ ନେଇ ଏକ ତ୍ରିପକ୍ଷୀୟ ବୈଠକ କରାଇବାକୁ ଶ୍ରୀ ଟ୍ରମ୍ପ ଆଗ୍ରହୀ ବୋଲି ଫ୍ରାନ୍ସ ରାଷ୍ଟ୍ରପତି କହିଛନ୍ତି ।

## ଅଷ୍ଟ୍ରେଲିଆ ଆର୍ମି ଚିଫ୍

ଅଷ୍ଟ୍ରେଲିଆର ସେନାଧ୍ୟକ୍ଷ ଲେଫ୍ଟନାଣ୍ଟ ଜେନେରାଲ ସାଇମନ୍ ଷ୍ଟୁଓ୍ୱାର୍ଟଙ୍କ ଭାରତ ଗସ୍ତ ଅବସରରେ ଗତକାଲି ସେ ପୁନେସ୍ଥିତ ଦକ୍ଷିଣାଞ୍ଚଳ କମାଣ୍ଡର ମୁଖ୍ୟାଳୟ ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେନାଧ୍ୟକ୍ଷ ଷ୍ଟୁଓ୍ୱାର୍ଟ ଦକ୍ଷିଣାଞ୍ଚଳ କମାଣ୍ଡର କମାଣ୍ଡିଂ ଇନ୍ ଚିଫ୍ ଧୀରଜ ସେଠ୍‌ଙ୍କ ସହିତ ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗକୁ ସମ୍ପ୍ରସାରିତ କରିବା, ମିଳିତ ସମରାଭ୍ୟାସ, ସାମରିକ ତଥ୍ୟ ଆଦାନପ୍ରଦାନ ଏବଂ ଭବିଷ୍ୟତ ଯୁଦ୍ଧକୌଶଳ ନୀତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ଶ୍ରୀ ଷ୍ଟୁଓ୍ୱାର୍ଟ ଖଡକଓ୍ୱାସଲାସ୍ଥିତ ଜାତୀୟ ପ୍ରତିରକ୍ଷା ଏକାଡେମୀ ମଧ୍ୟ ପରିଦର୍ଶନ କରି ସେଠାରେ ପ୍ରଶିକ୍ଷାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ସାମୁହିକ ସୁରକ୍ଷା-ମହାଶକ୍ତି ପ୍ରତିଦ୍ୱନ୍ଦ୍ୱିତାର ଏକ ଯୁଗ । ସମ୍ପର୍କିତ ଆଲୋଚନାଚକ୍ରରେ ଭାଗନେଇ ଅଷ୍ଟ୍ରେଲିଆର ସେନାଧ୍ୟକ୍ଷ ଆପୋଷ

ବିଶ୍ୱାସ ଏବଂ ବିଶ୍ୱବ୍ୟାପୀ ଦେଖାଯାଉଥିବା ପ୍ରତିରକ୍ଷା ଆହ୍ୱାନର ସଫଳ ମୁକାବିଲା ଉପରେ ଆଲୋକପାତ କରିଛନ୍ତି ।

## ଝାଡ଼ଖଣ୍ଡ-ନକ୍ସଲ

ଝାଡ଼ଖଣ୍ଡର ପଶ୍ଚିମ ସିଂହଭୁମ ଜିଲ୍ଲାରେ ଗତକାଲି ସୁରକ୍ଷା କର୍ମୀଙ୍କ ଗୁଳିରେ ଛତିଶଗଡର ସି.ପି.ଆଇ ମାଓବାଦୀ କମାଣ୍ଡର ନୀଲେଶ ମାକଡାମ ଓରଫ ବରୁଣର ମୃତ୍ୟୁ ହୋଇଛି । ପୁଲିସ ମହାନିରୀକ୍ଷକ ଅପରେସନ, ମାଇକେଲ ଏସ୍ ରାଜ୍ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ସ୍ୱାଧୀନତା ଦିବସ ପାଳନ ସମାରୋହରେ କିଛି ଅଘଟଣ ଘଟାଇବାକୁ ମାଓବାଦୀ ମାନଙ୍କର ଯୋଜନା ସମ୍ପର୍କରେ ଚାଇବାସାର ପୁଲିସ ଅଧୀକ୍ଷକ ରାକେଶ ରଞ୍ଜନ ସୂଚନା ପାଇବା ପରେ ଏହି ଅପରେସନ ଆରମ୍ଭ ହୋଇଥିଲା । ସୁରକ୍ଷାକର୍ମୀ ଘଟଣାସ୍ଥଳରୁ ବହୁ ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି ବୋଲି ଶ୍ରୀ ରାଜ୍ କହିଛନ୍ତି ।